# କୁଡୁମୀ ସଂସ୍କୃତିରେ 'ପାଲା' : ଏକ ଦୃଷ୍ଟିପାତ

**ହୃଷୀକେଶ ମହାନ୍ତ**

ଟକଟପୁର, ବାରିପଦା, ୭୫୭୦୦୩

**E-Mail:** mohantahrushikesh77@gmail.com

**Article No :** BB-I-IV-2025-03
**DOI No :** 10.64647/bb.vol.1.issue4.2025.3
**Review Status:** Double-Blind Peer Reviewed
**Language of the Article:** Odia
**Type of Article:** Research Article
**Submission Date :**
**Publication Date :** 14-10-2025

**ସଂକ୍ଷିପ୍ତସାର:** Abstract

କୁଡୁମୀ ସଂସ୍କୃତି ବହୁ ପ୍ରାଚୀନ ହେଲେ ସୁଦ୍ଧା ନୂତନ ଭାବଚେତନାର ମିଶ୍ରଣ ଘଟିଛି । କବି କର୍ଣ୍ଣଙ୍କ ଠାରୁ ଆଜି ପର୍ଯ୍ୟନ୍ତ ଧର୍ମୀୟଭାବନାକୁ କେନ୍ଦ୍ରକରି ପାଲାର ସୃଷ୍ଟି ହୋଇଛି। ଏହା ବ୍ୟତୀତ ସମାଜସଂସ୍କାର ଓ ସଚେତନତା ପାଇଁ ଧର୍ମବହିର୍ଭୁତ ପାଲା ପରିବେଷିତ ହେବାର ଦୃଷ୍ଟିଗୋଚର ହୁଏ। ବଙ୍ଗଳାରୁ ଓଡିଶାକୁ ଆସୁ କିମ୍ବା ଧର୍ମଗତ ବିଭେଦତାକୁ ପରିହାର କରି 'ସତ୍ୟ' ଓ 'ପୀର' ସମନ୍ୱୟରେ ସୃଷ୍ଟିହେଉ, ଏହାର ଗୁରୁତ୍ୱ କେତେ ତାହା ସର୍ବତ୍ର ବିଦିତ । ମାତ୍ର ଏତିକି ସ୍ୱୀକାର କରିବାକୁ ପଡିବ ଯେ, 'ପାଲା' ମହତ ଉଦ୍ଦେଶ୍ୟ ନେଇ ସୃଷ୍ଟି ହୋଇଥିଲା । ତତ୍କାଳୀନ ଅଶିକ୍ଷିତ ଗ୍ରାମୀଣ ସମାଜରେ ଶିକ୍ଷା, ସଂସ୍କୃତି, ଧର୍ମ ଓ କୁସଂସ୍କାରକୁ ଚିହ୍ନି ସମାଜ ଶିକ୍ଷକ ଭାବେ ଦାୟିତ୍ୱ ବହନ କରି ମନୋରଞ୍ଜନ ଛଳରେ ଶିକ୍ଷା ପ୍ରଦାନ କରିବା ଥିଲା ଏହାର ଧର୍ମ। ପାଲା କେବଳ ନୀତି ଉପଦେଶ ନୁହେଁ କିମ୍ବା ଧର୍ମୀୟ ବ୍ୟାଖ୍ୟା ନୁହେଁ। ଏଥିରେ ଭରିରହିଛି ସାହିତ୍ୟ, ଅଭିନୟ, ରସ, ମୃଦଙ୍ଗରୁ ଝଙ୍କୃତ ନାଦବ୍ରହ୍ମର ସାରତତ୍ତ୍ୱ । ଏହି ପାଲା ଭାଷାରୁ ଭାଷାକୁ ଅତିକ୍ରମ କରି ବହୁଭାଷାରେ ଉଦ୍ଭାସିତ ହୋଇଛି । ଏହି ସଂପ୍ରଦାୟ ମଧ୍ୟରେ ପାଲାର ପ୍ରବେଶ ବେଶୀଦିନର ନୁହେଁ । ମାତ୍ର କୁଡୁମୀ ଭାଷାରେ ଏହାର ଭୂମିକା ମଧ୍ୟ ଊଣା ନୁହେଁ । ପାଲା ଏହି ଭାଷାଭାଷୀର ଜନଜୀବନକୁ କିପରି ପ୍ରଭାବିତ କରିଛି ଓ ସଂସ୍କୃତି ସହ କିପରି ଓତଃପ୍ରୋତ ଭାବେ ଜଡିତ ହୋଇଛି ତାହା ଏଠାରେ ଆଲୋଚନା କରାଯାଇଛି ।

**ମୂଳଶବ୍ଦ :** କୁଡୁମୀ, କୁଡୁମାଲୀ, ଲୋକସଂସ୍କୃତି, ଲୋକନାଟକ, ଗୟାତୀର୍ଥ, ଗୟାପାଲା, ମାନ୍ ପାଲା, ମଥୁରାପାଲା, ଗୋଷ୍ଠପାଲା।

ସଂସ୍କୃତି ଏକ ବ୍ୟାପକ ବିଷୟ। କୌଣସି ଏକ ନିର୍ଦ୍ଦିଷ୍ଟ ଜନଗୋଷ୍ଠୀର ଜୀବନଯାପନ ମଧ୍ୟଦେଇ ତା'ର ବିଚାର ଓ ଜୀବନଧାରାର ସାମୂହିକ ତଥା ସ୍ୱତନ୍ତ୍ର ପରିପ୍ରକାଶକୁ ଆମେ ସାଧାରଣତଃ ସଂସ୍କୃତି ବୋଲି କହିଥାଉ। ଏଥିରେ ସେହି ଜୀବନଗୋଷ୍ଠୀର ଚାଲିଚଳଣ, ଆଚାର ବିଚାର, କଳା, ସଂଗୀତ, ସାହିତ୍ୟ, ପର୍ବ-ପର୍ବାଣୀ ଆଦି ପ୍ରତିଫଳିତ। ଏହା ସଭ୍ୟତା ସହ ତାଳଦେଇ ଯୁଗରୁଚି ଅନୁଯାୟୀ ମନୁଷ୍ୟ ଓ ସମାଜ ସହିତ ସଂପର୍କ ରଖି ଗତିକରେ। ଏହା ମାନବର କ୍ରମବିବର୍ତ୍ତନ ଓ ସଂସ୍କାରିତ ଧାରାକୁ ବୁଝାଏ । 'ସମ୍' ଉପସର୍ଗରେ 'କୃ' ଧାତୁରେ କ୍ତିନ୍ ପ୍ରତ୍ୟୟର ମିଶ୍ରଣ ଫଳରେ ସଂସ୍କୃତି ଶବ୍ଦର ସୃଷ୍ଟି । ତେଣୁ ସଂସ୍କୃତିର ଅର୍ଥ ହେଲା ଉତ୍ତମ କୃତି। ସଂସ୍କୃତିରେ ଜ୍ଞାନ, କଳା, ନୀତିନିୟମ, ବିଶ୍ୱାସ, ପ୍ରଥା, ପରଂପରା ପରି ସମଗ୍ର କ୍ରିୟା-ପ୍ରକ୍ରିୟା ନିହିତ । ଲୋକସଂସ୍କୃତି ବା ଫୋକ୍ଲୋର ସଂସ୍କୃତିର ଏକ ଅଂଶ । ଲୋକସଂସ୍କୃତିର ସ୍ୱରୂପରେ ଲୋକଗୀତ, ଲୋକକଥା, ଲୋକକଳା, ଲୋକନୃତ୍ୟ, ଲୋକଦେବତା, ପ୍ରବାଦ ପ୍ରବଚନ ଇତ୍ୟାଦି ଅଙ୍ଗୀଭୂତ । ଏଣୁ ଏହା ନିତ୍ୟଜୀବନର ସଂସ୍କୃତି । ସଂସ୍କୃତି ସଂପନ୍ନ ଓଡିଶାରେ ପାଲାସଂସ୍କୃତି ଲୋକନାଟକ ସ୍ତରରେ ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ବିଭିନ୍ନ ଜାତି, ଗୋଷ୍ଠୀ ବା ସଂପ୍ରଦାୟ ମଧ୍ୟରେ ଏହା ଭିନ୍ନ ଭିନ୍ନ ଭାବରେ ପ୍ରଦର୍ଶିତ ହୁଏ । ଏହି ଦୃଷ୍ଟିରୁ କୁଡୁମାଲି ସଂସ୍କୃତି କଥା ବିଚାର କଲେ ଅନ୍ୟଠାରୁ ଏହା କିଛି ମାତ୍ରାରେ ବ୍ୟତିକ୍ରମ ଓ ସ୍ୱତନ୍ତ୍ର।

ଓଡିଶାର ସାମାଜିକ ଚଳଣିରେ ସାଂସ୍କୃତିକ ଧର୍ମଧାରାକୁ ଧାରଣ କରିନେଇ ମନୋରଞ୍ଜନର ଏକ ପ୍ରମୁଖ ମାଧ୍ୟମ ହେଉଛି ପାଲା। ଓଡିଶାରେ ପ୍ରାଚୀନ ସାହିତ୍ୟ ଓ ସଂସ୍କୃତିକୁ ବଞ୍ଚାଇ ରଖିବାରେ ଏହାର ଭୂମିକା ଅଦ୍ୱିତୀୟ। ପାଲାର ବିଷୟବସ୍ତୁ ବିଭିନ୍ନ ପୌରାଣିକ, ଐତିହାସିକ, କିମ୍ବଦନ୍ତୀ, ଆଖ୍ୟାନମୂଳକ ହୋଇ ବିଭିନ୍ନ ରସ, ଛାନ୍ଦ ଚୌପଦୀ, ଶ୍ଳୋକ ଓ ସାହିତ୍ୟ ଉଦ୍ଧୃତି ମାନଙ୍କୁ ନେଇ ଶ୍ରୋତା ଓ ଦର୍ଶକମାନଙ୍କ ସମ୍ମୁଖରେ ପରିବେଷଣ କରାଯାଇଥାଏ। ସାଧାରଣ ଭାବରେ କହିଲେ 'ପାଲା' ହେଉଛି –'ପା' ରେ ପାଣ୍ଡିତ୍ୟ ଓ 'ଲା' ରେ ଲାଳିତ୍ୟ ଲାଭ। ଏ ଦୁଇଟି ବ୍ୟତିରେକେ ଜଣେ ପାଲାକାର ପକ୍ଷେ ପାଲା ପରିବେଷଣ କରିବା ଅସମ୍ଭବ। ପାଲା ଶୁଣିବା ଦ୍ୱାରା ପାଞ୍ଚପ୍ରକାର ଲାଭ ମିଳିଥାଏ ବୋଲି ପାଲାକାରମାନେ ମତପୋଷଣ କରିଥାନ୍ତି । ଯଥା- ଶିକ୍ଷା, ଭକ୍ତି, ମୁକ୍ତି, ସଂସ୍କୃତି ଓ ମନୋରଞ୍ଜନ। ପାଲା ଗୀତ-ବାଦ୍ୟ-ନୃତ୍ୟର ସମନ୍ୱୟରେ ଉଭୟ ଶ୍ରାବ୍ୟ ଓ ଦୃଶ୍ୟ ଯୋଗ୍ୟ ହୋଇଥାଏ। ଏହା ହୁଏତ ନାଟ୍ୟସୃଷ୍ଟିର ପ୍ରାଥମିକ ପର୍ଯ୍ୟାୟ। ଲୀଳା, ଯାତ୍ରା, ସୁଆଙ୍ଗ, ମୋଗଲ ତାମସା ପରି ପାଲା ଲୋକସମାଜର ଏକ ଉପଭୋଗ୍ୟ ଓ ଶିକ୍ଷଣୀୟ କଳା।

କୁହାଯାଏ ହିନ୍ଦୁ ଓ ମୁସଲମାନମାନଙ୍କ ସତ୍ୟପୀର ପୂଜାପଦ୍ଧତିରୁ ପାଲାର ସୃଷ୍ଟି। କେହି କେହି କୁହନ୍ତି 'ପାଓ ଲାଓ' ଅର୍ଥାତ୍ ତୁମେ ଭଗବାନଙ୍କୁ ପାଅ ଏବଂ କେହି କୁହନ୍ତି 'ପାଓ ଆଲ୍ଲା' ଅର୍ଥାତ୍ ଭଗବାନଙ୍କୁ ପାଅ ଶବ୍ଦରୁ ପାଲା ସୃଷ୍ଟି । ସେ ଯାହାହେଉନା କାହିଁକି, ଭକ୍ତିମୂଳକ ଭାବରେ ଈଶ୍ୱରଙ୍କ ମହିମାଗାନ କରିବା ହିଁ ଏହାର ମୂଳଲକ୍ଷ୍ୟ। ସତ୍ୟନାରାୟଣ ପୂଜା ପରି ସତ୍ୟପୀରଙ୍କ ପୂଜା ଶେଷରେ

ଧର୍ମସମ୍ବନ୍ଧୀୟ ଓ ଭଗବାନଙ୍କ ଗୁଣଯୁକ୍ତ ସଂଗୀତ ଓ କାହାଣୀଯୁକ୍ତ ନୃତ୍ୟ ପରିବେଷିତ ହୋଇ କ୍ରମେ ପାଲାର କଳେବରକୁ ବୃଦ୍ଧିକଲା। ପାଲାର ବ୍ୟୁତ୍ପତ୍ତିଗତ ଅର୍ଥକୁ ବିଶ୍ଳେଷଣ କରି ଦେଖିଲେ ଏହା ପାଞ୍ଚାଳୀ (ପାଞ୍ଚାଳୀ ରୀତି), ପର୍ଯ୍ୟାୟ, ପାଳିଆ, ପଲ୍ଲୀ ଆଦି ଶବ୍ଦରୁ ସୃଷ୍ଟି ହୋଇଛି ବୋଲି ବିବେଚନା କରାଯାଏ। ଡ. ବାବାଜୀ ଚରଣ ପଟ୍ଟନାୟକ କହନ୍ତି – "ଓଡିଆରେ ପ୍ରଚଳିତ ହେଉଥିବା 'ପିଲା' ଶବ୍ଦରୁ ପାଲା ଶବ୍ଦଟି ସୃଷ୍ଟି। ଓଡିଆ ମାନଙ୍କ ଘରେ ଛୋଟପିଲାର ମଙ୍ଗଳନିମିତ୍ତ କରାଯାଉଥିବା କାର୍ଯ୍ୟକ୍ରମରୁ ଏହାର ସୃଷ୍ଟି ସମ୍ଭବ। 'ପାଲା' ଶବ୍ଦଟି 'ପିଲା' ଶବ୍ଦର ଅଧିକ ନିକଟବର୍ତ୍ତୀ।"(ବିବିଧ ପ୍ରବନ୍ଧ) ଆଉ କେତେକଙ୍କ ମତରେ ପାଲାରେ ପଞ୍ଚଦେବତା ଉପାସନା କରାଯାଉଥିବାରୁ ଏହାର ନାମକରଣ ଏପରି ହୋଇଛି। ମୋଗଲସମ୍ରାଟ ଆକବରଙ୍କ ରାଜତ୍ୱ ସମୟରେ ଭାରତର ପୂର୍ବଭାଗରେ ଥିବା କେତେକ ରାଜ୍ୟରେ ଏହା ପ୍ରଚଳିତ ଓ ଏହାର ଜନ୍ମସ୍ଥାନ ଆସାମ ବୋଲି ଜଣାଯାଏ । ଏହା କାଳକ୍ରମେ ଆସାମରୁ ବଙ୍ଗଳା ଓ ବଙ୍ଗଳାରୁ ଓଡିଶାକୁ ସଂପ୍ରସାରିତ ହୋଇଛି। ଚୈତନ୍ୟଙ୍କ ଓଡିଶା ଆଗମନ ସମୟରେ ଏହା ଓଡିଶାକୁ ଆସିଛି, ବର୍ତ୍ତମାନ ଏହା ଓଡିଆମାନଙ୍କର ଏକ ମୌଳିକ ସାଂସ୍କୃତିକ କଳା ଓ ଭକ୍ତି ସମ୍ବଳିତ ମନୋରଞ୍ଜନର ଏକ ମାଧ୍ୟମ ସାଜିଛି, ଏଥିରେ ସନ୍ଦେହ ନାହିଁ ।

**କୁଡୁମାଲୀ ପାଲା :**

ଓଡିଆ ସଂସ୍କୃତିରେ ପାଲାର ଯେପରି ବଳିଷ୍ଠ ପରମ୍ପରା ରହିଛି, ସେହିପରି କୁଡୁମୀ ସଂପ୍ରଦାୟରେ ମଧ୍ୟ ପାଲା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହି ସଂପ୍ରଦାୟ ଓଡିଶାର ଉତ୍ତରଭାଗ ସମେତ ଯାଜପୁର, ଢେଙ୍କାନାଳ ଓ ସୁନ୍ଦରଗଡ ଆଦି ଅଞ୍ଚଳରେ ବସବାସ କରନ୍ତି। ଏମାନଙ୍କ ଏକ ସ୍ୱତନ୍ତ୍ର ଭାଷା (କୁଡୁମାଲୀ- ସେମାନଙ୍କ କଥିତଭାଷା), ପରମ୍ପରା ଓ ସଂସ୍କୃତି ରହିଛି। ସେଥିମଧ୍ୟରୁ କୁଡୁମାଲୀ ଭାଷାକୁ ଏଠାରେ ଉଲ୍ଲେଖ କରାଯାଉଛି।

ସାଧାରଣତଃ ପାଲାକୁ ଦୁଇଭାଗରେ ବିଭକ୍ତ କରାଯାଏ। ଯଥା- ବୈଠକି ପାଲା ଓ ଠିଆ ପାଲା। କୁଡୁମୀ ସଂସ୍କୃତିରେ ମୁଖ୍ୟତଃ ଠିଆପାଲା ହିଁ ହୋଇଥାଏ। ବିଷୟବସ୍ତୁ ଓ ପରିବେଷଣ ଦୃଷ୍ଟିରୁ କୁଡୁମୀସଂସ୍କୃତିରେ ହେଉଥିବା ପାଲାଗୁଡିକ ମୁଖ୍ୟତଃ ନିମ୍ନକ୍ରମରେ ବିଭକ୍ତ କରାଯାଇପାରେ। ଯଥା-

୧.ରାମକଥାମୂଳକ ବା ବିୟୋଗାନ୍ତକ,
୨. କୃଷ୍ଣକଥାମୂଳକ ବା ସୁଖାନ୍ତକ ।
ସେଗୁଡିକ ହେଲା-

- ଗୟାପାଲା (ରାମକଥା ମୂଳକ)
- ଗୋଷ୍ଠ ପାଲା(କୃଷ୍ଣକଥା ମୂଳକ)
- ମାନ୍ ପାଲା(କୃଷ୍ଣକଥା ମୂଳକ)
- ମଥୁରାପାଲା(କୃଷ୍ଣକଥା ମୂଳକ)

**ଗୟାପାଲା :**

କୁଡୁମୀ ସଂପ୍ରଦାୟ ମଧ୍ୟରେ ଅନୁଷ୍ଠିତ ହେଉଥିବା ପାଲାଗୁଡିକ ମଧ୍ୟରେ ଗୟାପାଲା ସର୍ବାଧିକ ଲୋକପ୍ରିୟ । ଏହା କେବଳ ଦଶାହ ଶ୍ରାଦ୍ଧକ୍ରିୟାରେ ଅନୁଷ୍ଠିତ ହେଉଥିବା ଏକ ବିୟୋଗାନ୍ତକ ଲୋକନାଟକ । ଏହାର କଥାବସ୍ତୁ ରାମାୟଣର କଥାବସ୍ତୁରୁ ଗୃହୀତ ହୋଇଥିଲେ ମଧ୍ୟ ମହାଭାରତର କେତେକ ଘଟଣା ଦ୍ୱାରା ପ୍ରଭାବିତ । ଶିବ-ପାର୍ବତୀଙ୍କ କଥୋପକଥନ ଛଳରେ ଆରମ୍ଭ ହୋଇ ରାମଚନ୍ଦ୍ର ଅଯୋଧ୍ୟାର ରାଜାହେବା, ମନ୍ଥରା ଓ କୈକେୟୀଙ୍କ କୁମନ୍ତ୍ରଣା ଫଳରେ ବନବାସଗମନ ଓ ପୁତ୍ରଶୋକରେ ଦଶରଥଙ୍କ ବିୟୋଗ, ରାମ, ଲକ୍ଷ୍ମଣ ଓ ସୀତାଙ୍କୁ ଫେରାଇ ଆଣିବା ପାଇଁ ଭରତ ଓ ଶତ୍ରୁଘ୍ନ ଚିତ୍ରକୂଟ ପର୍ବତକୁ ଗମନ, ପିତାଙ୍କ ବିୟୋଗବାର୍ତ୍ତା ପ୍ରଦାନ ସତ୍ତ୍ୱେ ସତ୍ୟରକ୍ଷାଲାଗି ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ ନ କରିବା ଏବଂ ଶେଷରେ ଦଶାହ ଦିନରେ ରାମ ଓ ଲକ୍ଷ୍ମଣ ମୃତ ପିତାଙ୍କ ସଦ୍ଗତି ନିମନ୍ତେ ପିଣ୍ଡଦାନ ଉଦ୍ଦେଶ୍ୟରେ ମୁନିଋଷିଙ୍କ କୁଟୀରରେ ଭିକ୍ଷାକରିବା ଓ ଏହି ଅଭାବ ଭିତରେ ଜନକନନ୍ଦିନୀ ସୀତା ଦଶରଥଙ୍କୁ 'ବାଲିର ପିଣ୍ଡ' ପ୍ରଦାନ କରିବା ଆଦି ଘଟଣା ଗୟାପାଲାରେ ପରିବେଷଣ କରାଯାଇଥାଏ।

କୁଡୁମୀ ସଂପ୍ରଦାୟରେ କୌଣସି ଆତ୍ମୀୟ ପରିଜନଙ୍କ ବିୟୋଗରେ ଦଶାହ କାର୍ଯ୍ୟରେ ଏହା ଅନୁଷ୍ଠିତ ହୋଇଥାଏ। ଏହା ଶୋକାକୁଳ ପରିବେଶରେ ସମସ୍ତ ଶୋକ ସନ୍ତପ୍ତ ପ୍ରାଣରେ ଧୈର୍ଯ୍ୟର ପରାକାଷ୍ଠା ଓ କର୍ତ୍ତବ୍ୟ ସଂପାଦନ କରିବା ପାଇଁ ଶାନ୍ତ୍ୱନା ପ୍ରଦାନ କରିଥାଏ। ଏଥିପାଇଁ ଏହାକୁ କୁଡୁମୀ ସଂପ୍ରଦାୟର ଲୋକେ 'ଦୁଃଖ ପାଶୋରା ନାଟ' ବୋଲି ମଧ୍ୟ କହିଥାନ୍ତି। ପୌରାଣିକ କିମ୍ବଦନ୍ତୀ ଅନୁଯାୟୀ ପିତୃଭକ୍ତ ଗୟାସୁର ନିଜ ପିତାଙ୍କ ମୃତ୍ୟୁପାଇଁ ଦେବତାଙ୍କୁ ଦାୟୀକରି ପ୍ରତିଶୋଧ ପରାୟଣ ହୋଇ ସେମାନଙ୍କ ଉପରେ ଆକ୍ରମଣ କରିଥିଲା। ଗୟାସୁରର ପ୍ରକୋପରେ ଭୟଭୀତ ହୋଇ ଦେବତାମାନେ ନିଜକୁ ରକ୍ଷାକରିବା ପାଇଁ ଭଗବାନ ବିଷ୍ଣୁଙ୍କ ନିକଟରେ ଗୁହାରି ଜଣାନ୍ତି। ଭଗବାନ ବିଷ୍ଣୁ ଦେବତାମାନଙ୍କୁ ରକ୍ଷା କରିବାକୁ ଯାଇ ଗୟାସୁରକୁ ପାଷାଣରେ ପରିଣତ କରିଦିଅନ୍ତି ଏବଂ ଏହି ପାଷାଣ ଥିବା ସ୍ଥାନଟି ଗୟାତୀର୍ଥ ନାମରେ ପରିଚିତ ହୁଏ। ଏହିଠାରେ ପିତୃପୁରୁଷଙ୍କୁ ପିଣ୍ଡଦାନ କଲେ ପୁଣ୍ୟମିଳେ ବୋଲି ବିଶ୍ୱାସ ରହିଛି । ଗୟାତୀର୍ଥରେ ଜନକନନ୍ଦିନୀ ସୀତା ଶ୍ୱଶୁରଙ୍କୁ ପିଣ୍ଡଦାନ ଦେବା ଫଳରେ ଦଶରଥ ସ୍ୱର୍ଗକୁ ଗମନ କରନ୍ତି। ତେଣୁ ଗୟାତୀର୍ଥରେ ପିଣ୍ଡଦାନ ପ୍ରସଙ୍ଗ ଉକ୍ତ ପାଲାରେ ଉଲ୍ଲେଖ ଥିବାରୁ ଏହାର ନାମକରଣ 'ଗୟାପାଲା' ହୋଇଛି ଏବଂ କେହି କେହି ଏହାକୁ 'ସ୍ୱର୍ଗାରୋହଣ ପାଲା' ମଧ୍ୟ କହିଥାନ୍ତି। ସ୍ୱର୍ଗାରୋହଣ ପାଲାର ନାମକରଣ ପଛରେ ହୁଏତ ସାରଳାଦାସଙ୍କ 'ସ୍ୱର୍ଗାରୋହଣ ପର୍ବ'ର ପ୍ରଭାବ ରହିଛି। ମହାଭାରତ ଯୁଦ୍ଧର ଅବସାନପରେ ଆତ୍ମୀୟ ସ୍ୱଜନଙ୍କ ମୃତ୍ୟୁର ସଦ୍ଗତି ନିମନ୍ତେ ପାଣ୍ଡବମାନେ ପିଣ୍ଡଦାନ ଓ ମୃତ୍ୟୁଜନିତ ପାପରୁ ମୁକ୍ତିପାଇଁ ବିଭିନ୍ନ ତୀର୍ଥ ଭ୍ରମଣ କରିଛନ୍ତି। ସାରଳା ମହାଭାରତରେ ଦ୍ରୌପଦୀଙ୍କ ସହ ପଞ୍ଚୁପାଣ୍ଡବଙ୍କ ଉକଳଦେଶର ବିଭିନ୍ନ ତୀର୍ଥ ଭ୍ରମଣକୁ ଯିବା ପ୍ରସଙ୍ଗରେ କହିଛନ୍ତି-

*"ତହିଁରୁ ପାଣ୍ଡବେ ହୋଇଲେ ପଶ୍ଚିମ ମୁରତି*
*ଫଲ୍ଗୁକି ଦ୍ରଶନ କଲେ ଯାଇଣ ସେ ଧାତି।*
*ରାମଗୟା ତୀର୍ଥେ ଯାଇଂ ରହିଲେ ପାଞ୍ଚଦିନ*
*ସରିଲେ ସଂକଳ୍ପ ଶ୍ରାଦ୍ଧ ପିତୃକାର୍ଯ୍ୟମାନ।*
*ଯଥାବିଧି କରି ତହିଁ ବାଲିପିଣ୍ଡ ଦିଲେ*
*ଶ୍ରୀଗଦାଧରଙ୍କ ପ୍ରସନ୍ନେ ପିତୃକାର୍ଯ୍ୟ କଲେ।*
*ଗୟାରେ ଶ୍ରାଦ୍ଧକଲେ ଯେ କୁଟୁମ୍ବ ବନ୍ଧୁମାନେ*
*ପିତୃ ସୁହୃଦ କଲେ ଦେବଗଣ ଆପ୍ୟାନେ।"*
*(ସ୍ୱର୍ଗାରୋହଣ ପର୍ବ-ସାରଳା ମହାଭାରତ,ପୃ-୪୬)*

ଗୟାପାଲାରେ କରୁଣରସ ହିଁ ପ୍ରାଧାନ୍ୟ ବିସ୍ତାର କରିଥାଏ । ପୁରୁଷୋତ୍ତମ ରାମଚନ୍ଦ୍ରଙ୍କ ବନବାସ ଏବଂ ଧର୍ମ ସଂକଟରେ ପଡି ଅଭିଶପ୍ତ ରାଜା ଦଶରଥ କୈକେୟୀଙ୍କ ଇଚ୍ଛାପୂରଣ କରିବାକୁ ଯାଇ ମୃତ୍ୟୁ ସମୟରେ ପୁତ୍ରମୁଖ ଦେଖିପାରନ୍ତି ନାହିଁ। ସତ୍ୟ ଆଦର୍ଶର ମର୍ଯ୍ୟାଦାବନ୍ତ ପୁରୁଷ ରାମଚନ୍ଦ୍ର ଓ ଭାତୃଭକ୍ତ ଲକ୍ଷ୍ମଣ ବନବାସ କାଳରେ

ସୀତାଙ୍କୁ ଫଲ୍ଗୁ ନଦୀକୂଳରେ ଛାଡି ମୃତପିତାଙ୍କ ଆତ୍ମାର ସଦ୍ଗତି ପାଇଁ ପିଣ୍ଡଦାନ କରିବାର ପ୍ରସ୍ତୁତି କରନ୍ତି । ଅନ୍ନାଭାବରୁ ମୁନିଋଷିଙ୍କ କୁଟିରରେ ଭିକ୍ଷାକରି ଆସିବା ପୂର୍ବରୁ ଦଶରଥଙ୍କ ଶୂନ୍ୟବାଣୀ ହୋଇଛି ସୀତାଙ୍କ ପ୍ରତି-

*"ବାଲିର୍ ପିଣ୍ଡ ଦାଉ ଗୋ ମା' ସୀତେ*
*ବାଲିର୍ ପିଣ୍ଡେ ମୁକ୍ତ ହୈୟାଁ ଯାବ ସ୍ୱର୍ଗ ପଥେ।"*

*(ଗୟାପାଲା)*

ଜନକନନ୍ଦିନୀ ସୀତା ମଧ୍ୟ ରାମ ଓ ଲକ୍ଷ୍ମଣଙ୍କୁ ଅପେକ୍ଷା ନକରି ଫଲ୍ଗୁ ନଦୀକୂଳରେ ବାଲିର ପିଣ୍ଡ ପ୍ରଦାନ କରିଛନ୍ତି ଓ ଏଥିନିମନ୍ତେ ଶିମୁଳିଗଛ, ତୁଳସୀଗଛ, ଫଲ୍ଗୁ ନଦୀ ଓ ବଟବୃକ୍ଷକୁ ସାକ୍ଷୀ ରଖିଛନ୍ତି। ତତ୍ପରେ ଦଶରଥ ସ୍ୱର୍ଗ ଯାତ୍ରା କରିଛନ୍ତି। ରାମଚନ୍ଦ୍ର ଓ ଲକ୍ଷ୍ମଣ ଭିକ୍ଷାଧରି ଫେରିବା ପରେ ସୀତା ସମସ୍ତ ବୃତ୍ତାନ୍ତ କହିବା ସତ୍ତ୍ୱେ ରାମ ଓ ଲକ୍ଷ୍ମଣ ଏହି କଥାକୁ ବିଶ୍ୱାସ କରି ନାହାନ୍ତି। ତେଣୁ ସୀତା ରଖିଥିବା ସମସ୍ତ ସାକ୍ଷୀମାନଙ୍କୁ ପଚାରନ୍ତେ ,ସେମାନଙ୍କ ମଧ୍ୟରୁ ବଟବୃକ୍ଷକୁ ଛାଡିଦେଇ ସମସ୍ତେ ରାମଙ୍କୁ ଭୟକରି ମିଥ୍ୟା କହିବାରୁ ସୀତା ସେମାନଙ୍କୁ ଅଭିଶାପ ଦେଲେ। ଯାହା ଫଳରେ ଶିମିଳିଫୁଲ ଯୋଜନ ଯୋଜନ ବ୍ୟାପି ଚହଟୁଥିବା ସୁବାସ ହରାଇଲା, ତୁଳସୀଗଛ ଅପରିଷ୍କାର ସ୍ଥାନରେ ଜନ୍ମହେଲା ଓ ଫଲ୍ଗୁ ନଦୀ ଯାହା ଦୁଇକୂଳ ଲଂଘି ପ୍ରବାହିତ ହେଉଥିଲା ତାହା ଚିରଦିନ ଅନ୍ତଃସଲୀଳା ହୋଇଗଲା।

*"ଅଗମ ଦରିଆ ଜଲ୍ ହବେ ଅନ୍ତଃଶୀଲା*
*ଦେଖେଶୁନେ କେନେ ତୁମି ଶାକ୍ଷୀ ନାଏଁ ଦିଲା ।"*

*(ଗୟାପାଲା)*

କୂଳଲଂଘି ପ୍ରବାହିତ ହେଉଥିବା ଫଲ୍ଗୁ ନଦୀ ସୀତାଙ୍କ ଅଭିଶାପରେ ପଥର ତଳେ କ୍ଷୀଣ ଧାରାରେ ପ୍ରବାହିତ ହେଲା। ଶେଷରେ ସାକ୍ଷୀଥିବା ବଟବୃକ୍ଷ ସତ୍ୟ କହିବାରୁ ତାକୁ ଆଶୀର୍ବାଦ ଦେଇ ଶ୍ରେଷ୍ଠତା ପ୍ରଦାନ କଲେ। ବଟବୃକ୍ଷ ଠାରୁ ବୃତ୍ତାନ୍ତ ଶୁଣି ଦୁଇଭାଇ ସୀତା ବାଲିରପିଣ୍ଡ ଦେଇଥିବା କଥା ସ୍ୱୀକାର କଲେ।

ରାମାୟଣର କଥାବସ୍ତୁକୁ ଅବଲମ୍ବନକରି ଗୟାପାଲାର ପରିକଳ୍ପନା କରାଯାଇଛି । କୁଡୁମୀ ସଂପ୍ରଦାୟ ମଧ୍ୟରେ ଏହି ପାଲା କେବଳ ବୟସ୍କ(ବୃଦ୍ଧ/ବୃଦ୍ଧା) ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ କରାଯାଇଥାଏ। ଶିଶୁ, ଅବିବାହିତ ଓ ମଧ୍ୟମବୟସ୍କ ବ୍ୟକ୍ତିଙ୍କ କ୍ଷେତ୍ରରେ ଏହା କରାଯାଏ ନାହିଁ। କାରଣ ମୃତବ୍ୟକ୍ତିଙ୍କ ପିଣ୍ଡଦାନ କରିବା ପାଇଁ ପୁତ୍ରବଧୂ ଥିବା ଆବଶ୍ୟକ। ପିତୃପୁରୁଷଙ୍କ ନିମନ୍ତେ ପିଣ୍ଡଦାନ କାର୍ଯ୍ୟ ପୁତ୍ରବଧୂ ହିଁ କରିଥାଏ। ବ୍ୟକ୍ତି ଯେତେ ଧନଧାନ୍ୟରେ ପରିପୂର୍ଣ୍ଣ ଥିଲେ ମଧ୍ୟ ପିତୃମାତୃଙ୍କ ବିୟୋଗରେ ଋଣକରି ଶ୍ରାଦ୍ଧ କ୍ରିୟା ସଂପନ୍ନ କରିଥାଏ। ଏହା ଦ୍ୱାରା ପିତାମାତାଙ୍କ ଋଣ କିଛିମାତ୍ରାରେ ପରିଶୋଧ ହୁଏ ବୋଲି କୁଡୁମୀ ସଂପ୍ରଦାୟରେ ବିଶ୍ୱାସ ରହିଛି। କୁଡୁମୀ, କମାର, କୁମ୍ଭାର ଆଦି ଜାତିର ଲୋକମାନେ ଦଶାହ କ୍ରିୟାରେ ଗୃହସମ୍ମୁଖରେ ଏହି ପାଲା ଆୟୋଜନ କରିଥାନ୍ତି। କୁଡୁମୀ ସଂପ୍ରଦାୟର ମଧ୍ୟରେ ଅନୁଷ୍ଠିତ ହେଉଥିବା ପାଲାଗୁଡିକରେ ଅଂଶଗ୍ରହଣ କରୁଥିବା ସମସ୍ତ କଳାକାର ସେହି ସଂପ୍ରଦାୟରୁ ଗୃହୀତ ହୋଇଥାନ୍ତି। ଯେଉଁ ପୁତ୍ରମାନେ ପିତାମାତାଙ୍କ କାର୍ଯ୍ୟ ସମାପନ କରିଥାନ୍ତି ପ୍ରକୃତରେ ସେମାନେ ହିଁ ସୌଭାଗ୍ୟବନ୍ତ ପୁରୁଷ। ଭାରତୀୟ ସଂସ୍କୃତିରେ ନାରୀବିନା କୌଣସି ଧାର୍ମିକ କାର୍ଯ୍ୟ ସମାପନ ହୋଇପାରେ ନାହିଁ। ଏହାର ସୂଚନା ଗୟାପାଲାରେ ଦେଖିବାକୁ ମିଳେ। ଏହି ପ୍ରସଙ୍ଗରେ ସାରଳାଦାସଙ୍କ ମହାଭାରତର ଅର୍ଜ୍ଜୁନ ବନବାସ ପ୍ରସଙ୍ଗଟି ମନେପଡେ। ଏଠାରେ ଅର୍ଜ୍ଜୁନ ବନବାସ ଯିବା ସମୟରେ ଦ୍ରୌପଦୀ ମଧ୍ୟ ଅର୍ଜ୍ଜୁନଙ୍କ ସଙ୍ଗେ ଯିବାକୁ ଅଳି କରିଛନ୍ତି। ସମସ୍ତ ଅଭିମାନ ଓ ଅଳି ସତ୍ତ୍ୱେ ଅର୍ଜ୍ଜୁନ ଦ୍ରୌପଦୀଙ୍କୁ ସାଙ୍ଗରେ ନେବାକୁ ବାରଣ କରିଦେଇଛନ୍ତି। ଏହି ପ୍ରସଙ୍ଗରେ ଦ୍ରୌପଦୀ କହିଛନ୍ତି ଯେ, ନାରୀ ପୁରୁଷ ସଙ୍ଗରେ ଥିଲେ ପୁରୁଷର ଶୋଭାବର୍ଦ୍ଧନ ହେବା ସହିତ ଧର୍ମ ସର୍ବଦା ପୁରୁଷ ପକ୍ଷେ ଥାଏ। ଏହାର ପ୍ରକୃଷ୍ଟ ଉଦାହରଣ ହେଉଛି ରାମ, ଲକ୍ଷ୍ମଣ ଓ ସୀତାଙ୍କ ବନବାସ। ଏ ସଂପର୍କରେ ସାରଳାଦାସ ମହାଭାରତରେ ଦ୍ରୌପଦୀଙ୍କ ମୁଖରେ କୁହାଇଛନ୍ତି-

*"ତ୍ରେତୟା ଯୁଗରେ ଯେ ଶ୍ରୀରାମ ବନଗାମୀ*
*ସୀତାକଇଂ ସଙ୍ଗତେ ନେଲେ ରଘୁନାଥ ସ୍ୱାମୀ ।*
*ସେ ସେ ପରମ ମାଧବୀ ଯେ ଖଟିଲେ ଶ୍ରୀରାମଙ୍କୁ*
*ପତ୍ନୀ ଭ୍ରଷ୍ଟ ନୋହିଲେ ସିନା ଯୋଗାଇ ତୀର୍ଥକୁ ।*
*ଭାରିଜା ସଙ୍ଗେ ଥିଲେ ସେ ପ୍ରାପତ ହୋଅଇ ଧର୍ମ*
*ନାନା ତିର୍ଥେ ପିତୃକାର୍ଯ୍ୟ ଯେତେ ଶ୍ରେଷ୍ଠ କର୍ମ ।"*

*(ଅର୍ଜ୍ଜୁନ ବନବାସ-ମଧ୍ୟପର୍ବ-ସାରଳା ମହାଭାରତ-ପୃ-୨୧)*

ଗୋଷ୍ଠପାଲା, ମଥୁରା ପାଲା ଓ ମାନ୍ ପାଲା:

ଗୟାପାଲା ବ୍ୟତୀତ ଅନ୍ୟ ପାଲାଗୁଡିକରେ ଶ୍ରୀକୃଷ୍ଣଙ୍କ ଲୀଳା ହିଁ ମୁଖ୍ୟ ବିଷୟ। ଯେପରି ମଥୁରାପାଲାରେ ଦେବକୀ ଓ ବସୁଦେବ କଂସ ଦ୍ୱାରା ବନ୍ଦୀ, ବନ୍ଦୀଶାଳାରେ ଶ୍ରୀକୃଷ୍ଣଙ୍କ ଜନ୍ମ, ବସୁଦେବ ପୁତ୍ରକୁ ନେଇ ଗୋପପୁରରେ ଛାଡିଫେରିବା, ଗୋପରେ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ସଂପନ୍ନ ଓ ମଥୁରାରେ କଂସର ନିଧନ। ଗୋଷ୍ଠପାଲାରେ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା, ରାକ୍ଷସ ନିଧନ, ଇନ୍ଦ୍ରଙ୍କ କୋପରୁ ଗୋପାଳ ଓ ଗୋକୁଳକୁ ରକ୍ଷା କରି ଶେଷରେ ମାନ୍ ପାଲାରେ ଷୋଳସହସ୍ର ବ୍ରଜନାରୀଙ୍କ ସହ ରାସକେଳୀ, ରାଧାଙ୍କ ସହ ପ୍ରୀତି, ମାନଭଞ୍ଜନ ଆଦି କାହାଣୀ ଏହି ପାଲାର ବିଷୟବସ୍ତୁ । ଏଥିରେ ଶ୍ରୀକୃଷ୍ଣଙ୍କ ଜନ୍ମ ଠାରୁ ଶ୍ରୀରାଧାଙ୍କ ସହ ଗୋପନ ପ୍ରୀତି ପର୍ଯ୍ୟନ୍ତ ମଥୁରା ପାଲା, ଗୋଷ୍ଠପାଲା ଓ ମାନ୍ ପାଲା କ୍ରମାନୁସାରେ କାହାଣୀ ଗୁଡିକୁ ଗୁମ୍ଫନ କରାଯାଇଥିଲେ ମଧ୍ୟ ଏଗୁଡିକ ପୃଥକ୍ ପୃଥକ୍ ପରିବେଷଣ କରାଯାଇଥାଏ।

ମଥୁରାପାଲାରେ ଶ୍ରୀକୃଷ୍ଣଙ୍କ ଜନ୍ମ ବୃତ୍ତାନ୍ତକୁ ଉପସ୍ଥାପନା କରାଯାଇଥାଏ। ମଥୁରା କଟକର ରାଜା କଂସ ନିଜର ମୃତ୍ୟୁ ଭଣଜା ହାତରେ ହେବ ଜାଣି ଦେବକୀ ଓ ବସୁଦେବଙ୍କୁ ବନ୍ଦୀ କରି ରଖିଛି ଏବଂ ପରେ ଗୋଟି ଗୋଟି କରି ସାତଗୋଟି ନିଜ ଭଗ୍ନିର ସନ୍ତାନକୁ ଜନ୍ମ ହେବା କ୍ଷଣି ହତ୍ୟା କରିଛି। ଇତି ଅବସରରେ ଅଷ୍ଟମଗର୍ଭରୁ ଶ୍ରୀକୃଷ୍ଣଙ୍କ ଜନ୍ମ ହୋଇଛି। ବସୁଦେବ ଶ୍ରୀକୃଷ୍ଣଙ୍କୁ ଧରି ଘୋର ବର୍ଷା ରାତିରେ ଗୋପପୁର ଅଭିମୁଖେ ବାହାରି ପଡିଛନ୍ତି। ବାଟରେ ଦେଖନ୍ତେ ଯମୁନା ନଦୀ ଦୁଇକୂଳ ଲଂଘି ପ୍ରବାହିତ ହେଉଛି। ଯେଉଁ ନଦୀରେ ଆଣ୍ଠୁଏ ପାଣି ପ୍ରବାହିତ ହେଉଥାଏ ତାହା ଆଜି କିପରି ଉଗ୍ର ରୂପ ଧାରଣ କରିଛି ? ପୁଣି ନଦୀ ଗର୍ଭରେ କେତେ କେତେ ସର୍ପ,କୁମ୍ଭୀର ଆତଯାତ ହେଉଛନ୍ତି। ବସୁଦେବ ନଦୀ ପାର ହେବା ନେଇ ମନରେ ଶଙ୍କା ଜାତ ହୋଇଛି –

*"ଏକ ହାଣ୍ଟୁ ଜଲ୍ ଥାକେ ଦେଖନି ସଖୀ ସବେ*
*କୁଥା ହୈତେ ହଇଲ ଏତ ପାନି,ହାଇରେ...*
*କୁଥା ହୈତେ ହଇଲ ଏତ ପାନି,*
*ଭୁଜଙ୍ଗ କୁମ୍ଭୀର ଭାସେନ୍ ମୀନ ପାଲାଇଛେନ୍ ତ୍ରାସେ*
*ପାରି ହେବ କେମନ୍ ସାହାସେଁ,ହାଇରେ...*
*ପାରି ହେବ କେମନ୍ ସାହାସେଁ ।"*

*(ମଥୁରା ପାଲା)*

ତଥାପି ମରଣକୁ ଭୟ ନ କରି ବସୁଦେବ ପୂର୍ଣ୍ଣଗର୍ଭା ଯମୁନା ନଦୀରେ ପ୍ରବେଶ କରିଛନ୍ତି । ଯମୁନାର ପ୍ରଖର ସ୍ରୋତକୁ ଅତିକ୍ରମ କରି ଗୋପପୁରରେ ନନ୍ଦରାଜାଙ୍କ ଘରେ ଶ୍ରୀକୃଷ୍ଣଙ୍କୁ ଛାଡି ଆସିଛନ୍ତି । ଗୋପରେ କୃଷ୍ଣ ବଢିବାର ସୂଚନା ପାଇ ଧନୁ ଉତ୍ସବରେ କୃଷ୍ଣ ବଳରାମଙ୍କୁ ଡକାଇ ମାରିବାର କଂସର ଯୋଜନା ବିଫଳ ହୋଇଛି ଏବଂ ମଞ୍ଚାରୁ ପଡି କଂସ ନିଜେ ମୃତ୍ୟୁଲୋକ ପ୍ରାପ୍ତହୋଇଛି । ସେହିପରି ଗୋଷ୍ଠପାଲା ଓ ମାନ୍ପାଲାରେ ମଧ୍ୟ ଶ୍ରୀକୃଷ୍ଣଙ୍କ ଲୀଳା ପରିବେଷଣ କରାଯାଇଥାଏ । ଏହା ବ୍ୟତୀତ ଗାୟକ ଆବଶ୍ୟକତା ଅନୁଯାୟୀ ବିଷୟବସ୍ତୁକୁ ବୃଦ୍ଧି କରିଥାନ୍ତି । ଗୋଷ୍ଠପାଲାରେ ଶ୍ରୀକୃଷ୍ଣଙ୍କ ଗୋପପୁର ରହଣି ସମୟରେ ସାଙ୍ଗସାଥୀ ମାନଙ୍କ ସହ ଗାଇ ଚରାଇବା ,ଲହୁଣୀ ଚୋରିକରିବା,ବୃନ୍ଦାବନରେ ବଂଶୀ ବଜାଇବା ଆଦି ଏହି ପାଲାର ବିଷୟବସ୍ତୁ । ଗାଇଗୋଠ ନେଇ ଯିବା ସମୟରେ କୃଷ୍ଣଙ୍କ ସୁମଧୁର ବଂଶୀସ୍ୱନ ସମସ୍ତଙ୍କୁ ଆନନ୍ଦିତ କରିଛି ,ତଥାପି ସାଙ୍ଗସାଥୀ କୃଷ୍ଣଙ୍କୁ ଆକ୍ଷେପ କରି କୁହନ୍ତି-

*“ଗୋଷ୍ଠେଗମନ କର ବଂଶୀଧାରୀ*
*ଜୟ ରାଧା ଶ୍ରୀରାଧେ ବୋଲି*
*ବାଜିଛେ ବାଂଶରୀ*
*ଗୋଷ୍ଠେଗମନ କର ବଂଶୀଧାରୀ ।”*

*(ଗୋଷ୍ଠପାଲା)*

ଗୋଷ୍ଠପାଲାରେ ରାଧାକୃଷ୍ଣଙ୍କ ପ୍ରେମଲୀଳାର ଫଲ୍ଗୁ ପ୍ରବାହିତ ହୋଇଥିବାର ଜଣାଗଲେ ମଧ୍ୟ ପୂର୍ଣ୍ଣମାତ୍ରାରେ ପ୍ରକାଶ ପାଇନାହିଁ। ମାନ୍ ପାଲାରେ ରାଧାକୃଷ୍ଣଙ୍କ ପ୍ରେମର ଉକର୍ଷତା ପ୍ରବାହିତ ହୋଇଛି। ଏହି ପାଲାରେ ଶ୍ରୀକୃଷ୍ଣ ପାଖରେ ରାଧାଙ୍କ ମାନ-ଅଭିମାନ-ଗୁମାନ ସହିତ ସାତ୍ତ୍ୱିକ ଭାବ ଗୁଡିକ ପ୍ରକାଶିତ ହୋଇଛି ,ଯାହାଫଳରେ ନାୟିକାଙ୍କୁ ମନାଇବାରେ ନାୟକଙ୍କ ପ୍ରେମିକପଣଟି ଫୁଟି ଉଠିଛି। ଯଥା-

*“ଚଞ୍ଚଲ୍ ହୈଛ କେନ ଧନୀ*
*ଅରୁନ୍ ଉଦୟ ହୈନା ଦେଖ*
*ଆଛେ ତ ରଜନୀ*
*ଚଞ୍ଚଲ୍ ହୈଛ କେନ ଧନୀ ।”*

*(ମାନ୍ ପାଲା)*

**ପାଲାକାର ଓ ବାଦ୍ୟଯନ୍ତ୍ର :**

ସଂପ୍ରତି ପାଲାରେ ବହୁ ପରିପାଟୀ ଲକ୍ଷ୍ୟ କରିହୁଏ। କୁଡୁମୀ, କମାର ଆଦି ସଂପ୍ରଦାୟର ବ୍ୟକ୍ତିମାନେ (ଯେଉଁମାନେ କୁଡୁମାଲୀ ଭାଷାକୁ କଥିତ ଭାଷା ରୂପେ ବ୍ୟବହାର କରନ୍ତି) ହିଁ ଏହି ପାଲାର ଆୟୋଜନ କରନ୍ତି। ଏହା ସାଧାରଣତଃ ସେମାନଙ୍କ କଥିତ ଭାଷା (କୁଡୁମାଲୀ)ରେ ପରିବେଷଣ କରାଯାଇଥାଏ। ଯାହାଫଳରେ ଅନ୍ୟ ଭାଷାଭାଷୀର ବ୍ୟକ୍ତିବିଶେଷ ଏହାକୁ ବୁଝିବାରେ ଅସମର୍ଥ ହୋଇ ପଡନ୍ତି। ତେଣୁ ଏହି ପାଲା ଏକ ସୀମିତ ଗୋଷ୍ଠୀ ମଧ୍ୟରେ ଆବଦ୍ଧ ହୋଇ ରହିଯାଇଛି। ଭାଷାଗତ ବିଭେଦତା କାରଣରୁ ଏହା ଓଡିଶାର ସତ୍ୟନାରାୟଣ ପାଲା ପରି ବିକାଶ ସମ୍ଭବ ହୋଇପାରିନାହିଁ। ତଥାପି ଏହା ସୀମିତ ଗୋଷ୍ଠୀ ମଧ୍ୟରେ ଏକ ଲୋକପ୍ରିୟ ଲୋକନୃତ୍ୟର ଭୂମିକା ଗ୍ରହଣ କରିଛି। ଏହି ପାଲା ଯଦି ବିକଶିତ ହେବା ଲକ୍ଷ୍ୟ ନେଇ ଭାଷାଗତ ବିଭେଦତାକୁ ଭାଙ୍ଗିଦିଏ ତେବେ ତା'ର ମୌଳିକତା ବା ବିଶେଷତ୍ୱକୁ ହରାଇ ବସିବ। ଏହି ପାଲାର ବିଶେଷତ୍ୱ ହିଁ ତା'ର ପରିଚୟ। ଏହି ପାଲା ପରିବେଷଣ କରୁଥିବା ପାଲାକାରମାନେ ସାଧାରଣତଃ ଏହାର ଭାଷାକୁ ବୁଝିପାରୁଥିବା ସଂପ୍ରଦାୟର ହୋଇଥାନ୍ତି। ଏହି ପାଲାରେ ଜଣେ ଗାୟକ ,ଜଣେ ବାଦକ ଓ ତିନିଜଣ ପାଳିଆ (ନାଚୁଣୀ) ବିଷୟବସ୍ତୁ ଅନୁସାରେ ବେଶ ଧାରଣ କରି ନୃତ୍ୟ ପରିବେଷଣ କରନ୍ତି। ଏଥିରେ ଥିବା ପାଳିଆ ଗାୟକଙ୍କ ତାଳରେ ତାଳ ମିଳାଇ ପାଳି ଧରି ନୃତ୍ୟ ପରିବେଷଣ କରନ୍ତି। ଏମାନେ ଅଧିକାଂଶ ସମୟ ନୃତ୍ୟ ପରିବେଷଣ କରୁଥିବାରୁ ପାଳିଆ ପରିବର୍ତ୍ତେ ନାଚୁଣୀ ଶବ୍ଦଟିକୁ ସମସ୍ତେ ଗ୍ରହଣ କରନ୍ତି। କିନ୍ତୁ ଏଠାରେ ଅଭିନୟ ବା ନୃତ୍ୟ ପରିବେଷଣ କରୁଥିବା ପାଳିଆମାନଙ୍କ ମଧ୍ୟରେ କେହି ନାରୀ ନ ଥାନ୍ତି,ଯଦିଓ ଏହା ପୁରୁଷ ମାନଙ୍କ ଦ୍ୱାରା ପରିବେଷିତ। ମାତ୍ର ପୁରୁଷମାନେ ରାଧା, ସୀତା ବେଶରେ ସଜ୍ଜିତ ହୋଇ ନୃତ୍ୟ ପରିବେଷଣ କରୁଥିବାରୁ ଏମାନଙ୍କୁ 'ନାଚ୍ନୀ'(ନାଚୁଣୀ) କୁହାଯାଇଥାଏ। ସାଂପ୍ରତିକ ସମୟରେ ନାରୀମାନେ ବିଭିନ୍ନଦିଗରେ ଅଗ୍ରସର ହେବାରୁ ଏହି ପାଲାରେ ମଧ୍ୟ ନାରୀମାନେ ଅଂଶଗ୍ରହଣ କରି ଏହି ଶବ୍ଦର ଯଥାର୍ଥତା ପ୍ରତିପାଦନ କରୁଛନ୍ତି। ପୂର୍ବର ସଂକୁଚିତ ମାନସିକତା ବର୍ତ୍ତମାନ ନାହିଁ। ଏମାନଙ୍କ ବ୍ୟତୀତ କେତେକ ସ୍ଥଳରେ ହାସ୍ୟରସ ସୃଷ୍ଟିକରିବା ପାଇଁ ଜଣେ ପାଳିଆ ଯୋଗ ଦେଇଥାନ୍ତି। ତେଣୁ ଏହି ପାଲା ପରିବେଷଣ କରୁଥିବା ଦଳଗୁଡିକର ସଦସ୍ୟ ସଂଖ୍ୟା ପାଞ୍ଚ କିମ୍ବା ଛଅ ଜଣ। ଏମାନେ ସମସ୍ତେ ସ୍ୱତନ୍ତ୍ର ବେଶଭୂଷାରେ ସଜ୍ଜିତ ହୋଇ ମଞ୍ଚକୁ ଆସିଥାନ୍ତି। ଯେପରି ଗୟାପାଲାର ନାଚୁଣୀମାନେ ରାମ, ଲକ୍ଷ୍ମଣ ଓ ସୀତାଙ୍କ ବେଶ ଧାରଣ କରିଥାଆନ୍ତି। ସେହିପରି ମାନ୍ପାଲାରେ ଶ୍ରୀକୃଷ୍ଣ, ରାଧା ଓ ସଖୀ,ଗୋଷ୍ଠପାଲାରେ ଶ୍ରୀକୃଷ୍ଣ,ବଳରାମ,ଓ ସାଥୀଙ୍କ ବେଶ ଧାରଣକରି ନୃତ୍ୟ ପରିବେଷଣ କରନ୍ତି। ଏହି ପାଲାରେ ବାଦ୍ୟଯନ୍ତ୍ର ଭାବରେ ମାଦଳ ସହିତ କେହି କେହି ମୃଦଙ୍ଗ,ଝୁମୁକା ବ୍ୟବହାର କରିଥାଆନ୍ତି। କେତେକ ଗାୟକ ପାଲାରେ ଚାମର ବ୍ୟବହାର କରୁଥିବାବେଳେ କେତେକ ବ୍ୟବହାର ନ କରିବାର ଦୃଷ୍ଟିଗୋଚର ହୁଏ। ସତ୍ୟନାରାୟଣ ପାଲା ପରି ଝାଞ୍ଜ ଏଠାରେ ବ୍ୟବହାର କରାଯାଏ ନାହିଁ। ତା'ର କାରଣ ବୋଧହୁଏ ଏମାନେ ସର୍ବଦା ନୃତ୍ୟରତ ଥିବାରୁ ଝାଞ୍ଜ ବ୍ୟବହାର କରିବାର ଅବସର ନ ଥାଏ।

BINDU BIMARSHA...

**ସତ୍ୟନାରାୟଣ ପାଲା ଓ କୁଡୁମାଲୀ ପାଲା :**

ସତ୍ୟନାରାୟଣ ପାଲା ଓ କୁଡୁମାଲୀ ପାଲା ମଧ୍ୟରେ ତୁଳନା କଲେ ବହୁ ପାର୍ଥକ୍ୟ ଲକ୍ଷ୍ୟକରାଯାଏ। ପାଲା ସାଧାରଣତଃ ଭକ୍ତି ସମ୍ବଳିତ ମନୋରଞ୍ଜନଧର୍ମୀତାକୁ ଅବଲମ୍ବନ କରିଥାଏ। ପାଲା ଆରମ୍ଭ ହୁଏ ମଙ୍ଗଳାଚରଣରୁ ଏବଂ ବିଶ୍ୱକଲ୍ୟାଣାର୍ଥେ ପରିସମାପ୍ତି ଘଟେ। ଏହା ବ୍ୟତୀତ ସତ୍ୟନାରାୟଣ ପାଲାର କେତେକ ଲକ୍ଷଣ ଏଥିରେ ଦୃଷ୍ଟିଗୋଚର ହୋଇଥାଏ। ସତ୍ୟନାରାୟଣ ପାଲା କୌଣସି ସାମାଜିକ ଅନୁଷ୍ଠାନ ବା ସର୍ବସାଧାରଣରେ ପରିବେଷଣ ନିମିତ୍ତ ପ୍ରଯୁଜ୍ୟ ହୋଇଥିଲାବେଳେ ଏହି ପାଲାଗୁଡିକ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଅନୁଷ୍ଠିତ କୌଣସି ଧାର୍ମିକ କାର୍ଯ୍ୟରେ ଉକ୍ତ ବ୍ୟକ୍ତିଙ୍କ ଗୃହ ସମ୍ମୁଖରେ ଆୟୋଜନ କରାଯାଇଥାଏ। ଏହା ବ୍ୟତିରେକେ ଅନ୍ୟ କୌଣସି ଦିନ ବା ସ୍ଥାନରେ ପରିବେଷଣ କିମ୍ବା କୌଣସି ସାମୂହିକ ଅନୁଷ୍ଠାନରେ ଆୟୋଜିତ ହେବାର ଦୃଷ୍ଟିଗୋଚର ହୁଏ ନାହିଁ। ସତ୍ୟନାରାୟଣ ପାଲା ପରିବେଷଣ ପାଇଁ ଗାୟକ ପକ୍ଷେ ଯେଉଁ ପାଣ୍ଡିତ୍ୟ ଓ ବହୁଶାସ୍ତ୍ରଦର୍ଶିତା ଲକ୍ଷ୍ୟ କରାଯାଇଥାଏ ତାହା ମଧ୍ୟ ଏହି ପାଲାରେ ଆଶାନୁରୂପ ଦେଖିବାକୁ ମିଳେ ନାହିଁ। ପାଲା ପରିବେଷଣ ନିମିତ୍ତ ଗାୟକ କେବଳ ଉକ୍ତ ବିଷୟ ବ୍ୟତୀତ ଅନ୍ୟାନ୍ୟ ପୁରାଣଶାସ୍ତ୍ର ଉପରେ ମଧ୍ୟ ଅଧିକାର ରଖିଥାଆନ୍ତି। ପୁରାଣ ଜ୍ଞାନ ଆହରଣ ନ କରିଥିଲେ ପାଲା

ପରିବେଷଣ ଉଚ୍ଚକୋଟୀର ହୋଇପାରେ ନାହିଁ। ପୁରାଣଶାସ୍ତ୍ର ଆଲୋଚନା ବିନା ପାଲା ଅଧୁରା ମନେ ହୁଏ। ସତ୍ୟନାରାୟଣ ପାଲାରେ ପରିଲକ୍ଷିତ ହେଉଥିବା ବାଦପାଲା (ବାଦୀପାଲା) ଏଥିରେ ଦେଖିବାକୁ ମିଳେ ନାହିଁ। ସତ୍ୟନାରାୟଣ ପାଲାଗାୟକଙ୍କ ତୁଳନାରେ କୁଡୁମାଲୀ ପାଲାଗାୟକ ଜ୍ଞାନଗରିମାରେ ନ୍ୟୁନ ହୋଇପାରନ୍ତି। କିନ୍ତୁ ଯିଏ ସଂସ୍କୃତିକୁ ଜୀବିତ ରଖିବା ପାଇଁ ପ୍ରାଣପଣେ ଉଦ୍ୟମ କରି ଆସିଛି ତାର ଜ୍ଞାନର ପରିସୀମାକୁ ତୁଳାଦଣ୍ଡରେ ତଉଲିବା ଦ୍ୱାରା ଆମର ମୂଢ଼ତାର ପରିଚୟ ହିଁ ପ୍ରଦର୍ଶିତ ହେବ। କାରଣ ଭାଷା ହେଉଛି ଜାତିର ସଂସ୍କୃତି ବାହକ। ସଂସ୍କୃତି ବଞ୍ଚିଲେ ଜାତି ବଞ୍ଚିବ , ଜାତି ବଞ୍ଚିଲେ ଭାଷା ବଞ୍ଚିବ ଏବଂ ସେହି ଭାଷା ତା'ର ସଂସ୍କୃତିକୁ ସର୍ବସମ୍ମୁଖରେ ପ୍ରକାଶ କରିବ।

ଆଲୋଚ୍ୟ କୁଡୁମାଲୀ ପାଲା ପରଂପରା ବେଶୀ ପ୍ରାଚୀନ ନହେଲେ ମଧ୍ୟ ଆଧୁନିକତାଠାରୁ ବହୁ ଦୂରରେ। ଏହି ସଂସ୍କୃତି କୁଡୁମୀ ସଂପ୍ରଦାୟର ସାଂସ୍କୃତିକ ମାନଦଣ୍ଡ ରୂପେ ଉଭାହୋଇ ଜାତିର ପରମ୍ପରାକୁ ବଳିଷ୍ଠ କରିବାରେ ସହାୟକ ହୋଇଛି। ମୋଟ ଉପରେ ଦେଖିଲେ କୁଡୁମାଲୀ ସଂସ୍କୃତିର ପାଲା ଉକ୍ତ ସଂପ୍ରଦାୟର ଜୀବନଧାରା ପାଲଟିଯାଇଛି। କୁଡୁମୀ ସଂପ୍ରଦାୟର ଭାଷା, ସଂସ୍କୃତି, ସ୍ୱାଭିମାନ ଓ ସ୍ୱତନ୍ତ୍ରତାକୁ ଏପର୍ଯ୍ୟନ୍ତ ଉଜ୍ଜୀବିତ କରି ରଖିବାରେ ସହାୟକ ହୋଇଛି। ଏହି ସୀମିତ ସଂଖ୍ୟକ ପାଲା ତା'ର ସଂସ୍କୃତିକୁ କାଦାପି ପଦାଘାତ କରିନାହିଁ କିମ୍ବା ବନ୍ଧୁତ୍ୱ ସୂତ୍ରରେ ଆବଦ୍ଧ କରିରଖିବାର ପ୍ରୟାସକୁ କେବେ ହରାଇନାହିଁ। କିନ୍ତୁ ଦୁଃଖର ସହିତ ସ୍ୱୀକାର କରିବାକୁ ପଡୁଛି ଯେ ,ଏହି ପାଲା ମଧ୍ୟରୁ ଗୟାପାଲା ବ୍ୟତୀତ ଅନ୍ୟ ପାଲାଗୁଡିକ ପ୍ରାୟ ଲୋପ ହେବାକୁ ବସିଲାଣି। ଗାୟକ, ଅୟୋଜକ, ଓ ଶ୍ରୋତାଙ୍କ ମନମୁଖୀତା ଯୋଗୁଁ ଏହା କ୍ରମଶଃ ସଂସ୍କୃତି ଠାରୁ ବିଚ୍ଛିନ୍ନ ହେବାରେ ଲାଗିଛି । କେତେକ ଗାୟକ ପାଲା ପରିବେଷଣ କରୁଥିଲେ ମଧ୍ୟ ପାଶ୍ଚାତ୍ୟ ସଂସ୍କୃତିର ଅବାଧ ପ୍ରବେଶ ଫଳରେ ନିଜ ମନୋରଞ୍ଜନର ଏକ ବଳିଷ୍ଠ ପରମ୍ପରାକୁ ଦୂରେଇ ଦେବାରେ କୁଣ୍ଠାବୋଧ କରୁନାହାନ୍ତି। ଆଧୁନିକ ପାଶ୍ଚାତ୍ୟ ସଂସ୍କୃତି ସଂସ୍ପର୍ଶରେ ଆସି ମନୁଷ୍ୟ ନିଜର ଅସ୍ତିମଜ୍ଜାଗତ ହୋଇଥିବା ପ୍ରାଚୀନ ସଂସ୍କୃତିଠାରୁ ମୁହଁ ଫେରାଇ ନେଉଛି। ଭବିଷ୍ୟତ ପାଇଁ ଏହାର ସଂରକ୍ଷଣ ଓ ସଚେତନତା ପ୍ରକାଶ ନ କଲେ ଏହା ଦିନେ କାଳଗର୍ଭରେ ଲୀନ ହେବ ଏଥିରେ ସନ୍ଦେହ ନାହିଁ।

**ସଙ୍କେତ ସୂଚୀ:**


୧. ପଟ୍ଟନାୟକ, ବାବାଜୀଚରଣ, ବିବିଧ ପ୍ରବନ୍ଧ, ବିଜୟିନୀ ପବ୍ଲିକେଶନ, କଟକ, ୨୦୧୮।

୨. ପଣ୍ଡା, ଚିତ୍ତରଞ୍ଜନ, ଓ ଦାଶ, ଧୀରେନ୍, ଓଡିଶାର ପାଲା, ଓଡିଆ ସାହିତ୍ୟ ଏକାଡେମୀ, ଭୁବନେଶ୍ୱର।

୩. ମହାନ୍ତ, ମିଲନ୍ କୁମାର, କୁଡୁମୀ ଲୋକନାଟକରେ ସାମାଜିକ ଓ ସାଂସ୍କୃତିକ ବିକାଶର ନମୁନା, ସତ୍ୟବାଦୀ, ୨୦୧୯।

୪. ମହାନ୍ତି, ଆର୍ତ୍ତବଲ୍ଲଭ, ସାରଳା ମହାଭାରତ, ଓଡିଶା ସରକାରଙ୍କ ସାଂସ୍କୃତିକ ବ୍ୟାପାର ବିଭାଗ, ୧୯୬୫।


«««


| | |
|---|---|
| **Funding Statement:** | This research received no external funding |
| **Conflict of Interest:** | No |
| **Plagiarism Test:** | Yes<br>Similarity Index: 0 % |
| **Ethical Approval:** | Not applicable |
| **License:** | Kudumi sanskrutire 'Pala': Eka Drushtipat © 2025 by Hrushikesha Mohanta is licensed under Creative Commons Attribution-NonCommercial 4.0 International. To view a copy of this license, visit https://creativecommons.org/licenses/by-nc/4.0/ |